# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 14 October – 2025

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ମତଦାତା ସୂଚୀରେ ସ୍ୱତନ୍ତ୍ର ସଘନ ସଂଶୋଧନ ସମୟରେ ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟି ଉପରେ ନିର୍ବାଚନ କମିଶନଙ୍କ ଗୁରୁତ୍ୱାରୋପ
- ରାଜ୍ୟର ବିଭିନ୍ନ ବିଭାଗରେ ଆର୍ଥିକ ଅନିୟମିତତା ତଦାରଖ ପାଇଁ ଆଉ ୧୦ଟି ଅଡିଟ୍ ଓ୍ୱିଙ୍ଗ୍ ସୃଷ୍ଟି କଲେ ସରକାର
- ଦୀପାବଳି ସମୟରେ ୨ ଘଣ୍ଟାର ସମୟ ଅବଧି ଓ ସବୁଜ ବାଣ ଫୁଟାଇବା ନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ମାର୍ଗଦର୍ଶିକା ଜାରି

ଏବଂ

- ପୁରୀ ଶ୍ରୀମନ୍ଦିର ସୁରକ୍ଷା ସବ୍‌କମିଟି ବୈଠକରେ ଶ୍ରୀମନ୍ଦିରକୁ ମୋବାଇଲ୍ ଫୋନ୍ ସମ୍ପୂର୍ଣ୍ଣ ରୂପେ ବାରଣ ପାଇଁ ପ୍ରସ୍ତାବ

## ସଘନ ସଂଶୋଧନ

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍.ଗୋପାଳନଙ୍କ ଅଧକ୍ଷତାରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଂମ୍ପର୍କିତ ଆଭାସୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଶୋଧନର ଉଦ୍ଦେଶ୍ୟ, ସମୟୋଚିତ ଆବଶ୍ୟକତା, ମତଦାତାଙ୍କ ଯୋଗ୍ୟତା ଏବଂ ବିଭ୍ରାନ୍ତିକାରୀ ସୂଚନାର ମୁକାବିଲା ସମ୍ପର୍କରେ ଶ୍ରୀ ଗୋପାଳନ ଆଲୋଚନା କରିଥିଲେ। ଭୋଟର ତାଲିକାରୁ ଜଣେ ବି ଯୋଗ୍ୟ ମତଦାତାଙ୍କୁ ବାଦ୍ ନ ଦେବା ଏବଂ ଅଯୋଗ୍ୟ ନାମ ସଂଯୁକ୍ତ ନ ହେବା ଉପରେ କେନ୍ଦ୍ର ନିର୍ବାଚନ ଆୟୋଗ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ସେ ମତ ପ୍ରକାଶ କରିଛନ୍ତି।  ତୃଣମୂଳସ୍ତରରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ଗୋପାଳନ୍ ଉଲ୍ଲେଖ କରିଛନ୍ତି।

## ସଘନ ସଂଶୋଧନ

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍.ଗୋପାଳନଙ୍କ ଅଧକ୍ଷତାରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଂମ୍ପର୍କିତ ଆଭାସୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଶୋଧନର ଉଦ୍ଦେଶ୍ୟ, ସମୟୋଚିତ ଆବଶ୍ୟକତା, ମତଦାତାଙ୍କ ଯୋଗ୍ୟତା ଏବଂ ବିଭ୍ରାନ୍ତିକାରୀ ସୂଚନାର ମୁକାବିଲା ସମ୍ପର୍କରେ ଶ୍ରୀ ଗୋପାଳନ ଆଲୋଚନା କରିଥିଲେ। ଭୋଟର ତାଲିକାରୁ ଜଣେ ବି ଯୋଗ୍ୟ ମତଦାତାଙ୍କୁ ବାଦ୍ ନ ଦେବା ଏବଂ ଅଯୋଗ୍ୟ ନାମ ସଂଯୁକ୍ତ ନ ହେବା ଉପରେ କେନ୍ଦ୍ର ନିର୍ବାଚନ ଆୟୋଗ ସର୍ବାଧିକ ଗୁରୁତ୍ୱ

ଦେଉଛନ୍ତି ବୋଲି ସେ ମତ ପ୍ରକାଶ କରିଛନ୍ତି। ତୃଣମୂଳସ୍ତରରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ଗୋପାଳନ୍ ଉଲ୍ଲେଖ କରିଛନ୍ତି।

## ଆଭ୍ୟନ୍ତରୀଣ ଅଡିଟ୍

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଅର୍ଥର ଅପବ୍ୟବହାର ସମେତ ଆର୍ଥିକ ଅନିୟମିତତା ତଦାରଖ ପାଇଁ ଆଉ ୧୦ଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ୍ସ୍ ସୃଷ୍ଟି କରାଯାଇଛି। ପୂର୍ବରୁ ରାଜ୍ୟ ସଚିବାଳୟର ୨୮ଟି ପ୍ରଶାସନିକ ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ କାର୍ଯ୍ୟ କରୁଛି। ସମାନତା, ବୃତ୍ତିଗତ ତଦାରଖ ଏବଂ ସାଧାରଣ ଖର୍ଚ୍ଚର ତଦାରଖ ସୁନିଶ୍ଚିତ କରିବା ପାଇଁ ସମସ୍ତ ଆଭ୍ୟନ୍ତରୀଣ ଅଡିଟ୍ କର୍ମଚାରୀଙ୍କୁ ଅର୍ଥ ବିଭାଗ ଅଧୀନରେ କେନ୍ଦ୍ରୀଭୂତ କରାଯାଇଛି।

## ରାସନକାର୍ଡ

ରାଜ୍ୟର ରାସନକାର୍ଡ ହିତାଧିକାରୀମାନେ ଇ-କେୱାଇସି କରି ନଥିଲେ ଆସନ୍ତାମାସରୁ ସେମାନଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଚାଉଳ ମିଳିବ ନାହିଁ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ରାଜ୍ୟରେ ବର୍ତ୍ତମାନ ୧୫ ଲକ୍ଷ ୬୭ ହଜାର ହିତାଧିକାରୀ ଇ-କେୱାଇସି କରି ନଥିବା ସତ୍ତ୍ୱେ ଚାଉଳ ପାଉଛନ୍ତି। ଆଗାମୀ ଦିନରେ ଏହି

ହିତାଧିକାରୀଙ୍କୁ ରାସନ୍‌କାର୍ଡରୁ ବାଦ୍ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

## ଦୀପାବଳି

ଦୀପାବଳି ପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବାଣ ଫୁଟାଇବା ନେଇ ମାର୍ଗଦର୍ଶିକା ଜାରି କରାଯାଇଛି। ଚଳିତବର୍ଷ ଦୀପାବଳିରେ ବାଣ ଫୁଟା ସମୟକୁ ସନ୍ଧ୍ୟା ୭ଟାରୁ ୯ଟା ଭିତରେ ସୀମିତ ରଖାଯାଇଛି। ଏହା ସହ ଅଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇବାକୁ ମଧ୍ୟ ବର୍ଜନ କରାଯାଇଛି। ହସ୍‌ପିଟାଲ, ଶିକ୍ଷାନୁଷ୍ଠାନ, କୋର୍ଟ ଓ ମନ୍ଦିର ପାର୍ଶ୍ୱରେ ବାଣ ଫୁଟାଇବାକୁ ବାରଣ କରାଯାଇଛି। ଖୋଲା ସ୍ଥାନରେ ସବୁଜ ବାଣ ଫୁଟାଇବା ପାଇଁ ଅନୁମତି ପ୍ରଦାନ କରାଯାଇଛି। ୧୦ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇବାକୁ ବିଭାଗ ପକ୍ଷରୁ ଅନୁମତି ଦିଆଯାଇନାହିଁ। ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶରେ କୁହାଯାଇଛି।

## ଡବ୍ଲ୍ୟୁଏଚ୍‌ଓ କପ୍ ସିରପ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ-**WHO** କୋଲ୍ଡ ରିଫ୍ କଫ ସିରଫ ସମେତ ଭାରତରେ ପ୍ରସ୍ତୁତ ହେଉଥିବା ଅନ୍ୟ ତିନୋଟି କଫସିରଫ ବ୍ୟବହାରକୁ ନିଷିଦ୍ଧ କରିଛି। ସଠିକ୍ ମିଶ୍ରଣରେ ଏଗୁଡ଼ିକ ପ୍ରସ୍ତୁତ ହେଉନଥିବାରୁ **WHO** ପକ୍ଷରୁ ଏଭଳି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି।

ନିଷିଦ୍ଧ କଫ୍‌ସିରଫ ବ୍ୟବହାର ଦ୍ୱାରା ସ୍ୱାସ୍ଥ୍ୟ ଉପରେ କୁ-ପ୍ରଭାବ ପଡିବାର ସମ୍ଭାବନା ରହିଛି ବୋଲି **WHO** କହିଛି ।

ସଠିକ୍ ଭାବେ ପ୍ରସ୍ତୁତ ହେଉ ନଥିବା କଫ୍‌ସିରଫକୁ  ଚିହ୍ନଟ କରିବା ସହ ଏ ସଂକ୍ରାନ୍ତ ରିପୋର୍ଟ ପ୍ରଦାନ କରିବାକୁ **WHO** ପକ୍ଷରୁ ସବୁ ଦେଶକୁ ପରାମର୍ଶ ଦିଆଯାଇଛି । ଦୁଇବର୍ଷରୁ କମ୍ ଶିଶୁ ଏବଂ ବିଶେଷକରି ୫ବର୍ଷରୁ କମ୍ ବୟସର ଶିଶୁମାନଙ୍କ କ୍ଷେତ୍ରରେ ଏପ୍ରକାର କଫସିରଫ ବ୍ୟବହାର ନକରିବା ସହ  ଚିକିତ୍ସକଙ୍କୁ ଏହାର ବ୍ୟବହାର ଲାଗି ପରାମର୍ଶ ନ ଦେବାକୁ କୁହାଯାଇଛି ।

## ଜନଶୁଣାଣି

**ନୟାଗଡ଼** ବ୍ଲକ ସଭାଗୃହରେ ବ୍ଲକ୍‌ସ୍ତରୀୟ ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକବର୍ଷର ମନରେଗା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୨୦୨୪-୨୫ ଆର୍ଥିକବର୍ଷରେ ନୟାଗଡ଼ ବ୍ଲକ୍‌ରେ ୨୩ ହଜାର ୬୪୨ ପରିବାର ମନରେଗା ଯୋଜନା ଅଧୀନରେ ପଞ୍ଜୀକୃତ ହୋଇଥିବାବେଳେ ୪୨ ହଜାର ୨୪ ଜଣଙ୍କୁ ଜବ୍‌କାର୍ଡ ପ୍ରଦାନ କରାଯାଇଥିବା ବୈଠକରୁ ସୂଚନା ମିଳିଛି। ୨ ହଜାର ୯୩୮ଟି ପ୍ରକଳ୍ପ ମଧ୍ୟରୁ ୧ ହଜାର ୩୦ଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସେହିପରି ୨୦୨୫-୨୬ ଆର୍ଥିକବର୍ଷରେ ୨୩ ହଜାର ୬୪୩ଟି ପରିବାରର ୪୨ ହଜାର ୨୪ ଜଣ ବ୍ୟକ୍ତି ଜବ୍‌କାର୍ଡ ପାଇଛନ୍ତି ।

## ସବ୍‌କମିଟି ବୈଠକ

ପୁରୀ ଶ୍ରୀମନ୍ଦିର ସୁରକ୍ଷା ଓ ଭିତ୍ତିଭୂମି ବିକାଶକୁ ନେଇ ଆଜି ନିଳାଦ୍ରୀ ଭକ୍ତନିବାସଠାରେ ସୁରକ୍ଷା ସବ୍‌କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁରକ୍ଷା କମିଟି ମୁଖ୍ୟ ଗିରିଶ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମନ୍ଦିର ଭିତର ଓ ବାହାର ଶୃଙ୍ଖଳାକୁ କଡାକଡି ପାଳନ ନେଇ ଆଲୋଚନା କରାଯାଇଛି। ସିଂହଦ୍ୱାର ପୁଲିସ୍ ନବୀକରଣ, ଶ୍ରୀଜଗନ୍ନାଥ ସ୍ୱତନ୍ତ୍ର ବାଟାଲିୟନ୍  ନିର୍ମାଣ, ଆଉଟ୍‌ପୋଷ୍ଟ ସମେତ ବ୍ୟାଗେଜ୍ ସ୍କାନର ସ୍ଥାପନ ଓ ସିସିଟିଭି କଣ୍ଟ୍ରୋଲ ରୁମ୍ ପରିଚାଳନା ନେଇ ବିଶେଷ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ମୁର୍ମୁ କହିଛନ୍ତି। ଡିଜିସିଏ ଦ୍ୱାରା ଶ୍ରୀମନ୍ଦିରକୁ ରେଡ୍‌ଜୋନ୍ ଘୋଷଣା କରାଯାଇଛି। ଆଇନ୍‌ରେ ସଂଶୋଧନ କରାଯାଇ ନିୟମ ଉଲ୍ଲଙ୍ଘନକାରୀଙ୍କୁ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଶ୍ରୀମନ୍ଦିରକୁ ମୋବାଇଲ ଫୋନ୍ ସମ୍ପୂର୍ଣ୍ଣ ବାରଣ କରାଯିବ। କୌଣସି ପୁଲିସ୍ କିମ୍ବା ସେବାୟତ ମନ୍ଦିର ମଧ୍ୟକୁ ଫୋନ୍ ନେଇପାରିବେ ନାହିଁ। ପରବର୍ତ୍ତୀ ସମୟରେ ଓ୍ୱାକିଟକି ବ୍ୟବସ୍ଥା ସହ ବିଭିନ୍ନ ସ୍ଥାନରେ ସିସିଟିଭି ସ୍ଥାପନ  ହେବ ବୋଲି ଶ୍ରୀ ମୁର୍ମୁ କହିଛନ୍ତି।

## ଗଜପତି-ବୈଠକ

ଶ୍ରୀମନ୍ଦିର ପ୍ରକଳ୍ପ ସାଂସ୍କୃତିକ ଓ ବୈଷୟିକ ସବ୍‌କମିଟିର ଯୁଗ୍ମ ବୈଠକ ପୁରୀ ବଡ଼ଦାଣ୍ଡସ୍ଥିତ ନିଳାଦ୍ରୀ ଭକ୍ତନିବାସଠାରେ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୧୫ ଜଣିଆ

ସଦସ୍ୟ କମିଟିକୁ ନେଇ ଅନୁଷ୍ଠିତ ବୈଠକରେ ପ୍ରକଳ୍ପ ସହ ଜଡିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଶ୍ରୀଜଗନ୍ନାଥ ବଲ୍ଲଭ ପ୍ରମୋଦ ଉଦ୍ୟାନ ଓ ଶ୍ରୀମାର୍ଗର ଉନ୍ନତୀକରଣ, ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ନିର୍ମାଣ, ଅଭ୍ୟର୍ଥନା କେନ୍ଦ୍ର, ସାଂସ୍କୃତିକ କେନ୍ଦ୍ର, ରଘୁନନ୍ଦନ ପାଠାଗାର ନିର୍ମାଣ, ମନ୍ଦିରର ୭୫ ମିଟର ଜୋନ୍ ବାହାରେ ଅନ୍ନ କ୍ଷେତ୍ର ନିର୍ମାଣ ଓ ହୋମଯଜ୍ଞ-ନାମଯଜ୍ଞ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ସୁରକ୍ଷା ସବ୍ କମିଟି ମୁଖ୍ୟ ଓ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ବନକଲାଗି ନୀତି

**ପୁରୀ** ଶ୍ରୀମନ୍ଦିରରେ ଆସନ୍ତାକାଲି କାର୍ତ୍ତିକ କୃଷ୍ଣ ନବମୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ପ୍ରାୟ ସନ୍ଧ୍ୟା ୬ ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ପ୍ରଶିକ୍ଷଣ ଶିବିର

**ନୂଆପଡ଼ା** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଅଧିକାର ମିତ୍ରଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ  ଯୋଗଦେଇ ଅଧିକାର ମିତ୍ରଙ୍କୁ ସମାଜ ପ୍ରତି ତାଙ୍କର ଥିବା କର୍ତ୍ତବ୍ୟ ଏବଂ ବିଭିନ୍ନ ଆଇନ୍ ସଂକ୍ରାନ୍ତରେ ତାଲିମ୍ ପ୍ରଦାନ କରିଥିଲେ।

## ସମୀକ୍ଷା ବୈଠକ

**ନୟାଗଡ଼** ଜିଲ୍ଲା ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଖଣ୍ଡପଡ଼ା ଓ ଭାପୁର ବ୍ଲକ୍‌ର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ବିଭିନ୍ନ ଯୋଜନା ଓ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଛନ୍ତି। ଜନସାଧାରଣଙ୍କ ଆସ୍ଥାଭାଜନ ସହ ସ୍ୱଚ୍ଛତା ଅବଲମ୍ବନ କରିବାକୁ ବିଧାୟକ ଶ୍ରୀ ସ୍ୱାଇଁ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

## ଆପ୍‌କା ପୁଞ୍ଜି ଆପ୍‌କା ଅଧିକାର

କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟଙ୍କ ନିର୍ଦ୍ଦେଶକ୍ରମେ ଆର୍ଥିକ କ୍ଷେତ୍ରରେ ଦାବି କରାଯାଇ ନଥିବା ସମ୍ପତ୍ତିର ଶୀଘ୍ର ବିନିଯୋଗକୁ ସହଜ କରିବା ପାଇଁ 'ଆପ୍‌କା ପୁଞ୍ଜି ଆପ୍‌କା ଅଧିକାର' ଅଭିଯାନ ସମସ୍ତ ରାଜ୍ୟରେ ଆରମ୍ଭ ହୋଇଛି। ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନରେ ଆସନ୍ତାକାଲି ଏ ସଂକ୍ରାନ୍ତରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ଗଜଲକ୍ଷ୍ମୀ ଭସାଣ

**କେନ୍ଦ୍ରାପଡ଼ା** ଜିଲ୍ଲାରେ ମା' ଗଜଲକ୍ଷ୍ମୀଙ୍କ ଭସାଣ ଉତ୍ସବ ଆଜି ଅନୁଷ୍ଠିତ ହେଉଛି। ପାରମ୍ପରିକ ଢଙ୍ଗରେ ବିଭିନ୍ନ ସାହିର ପୂଜାମଣ୍ଡପରୁ ରୋଷଣୀ ଶୋଭାଯାତ୍ରା କରି ମେଢ଼ଗୁଡ଼ିକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଛପଟେ ଥିବା ମେଳଣ ପଡିଆରେ ପହଞ୍ଚୁଛନ୍ତି। ମେଳଣ ପର୍ବ ଆସନ୍ତାକାଲି ସନ୍ଧ୍ୟା ପର୍ଯ୍ୟନ୍ତ

ଚାଲିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ମେଢ଼ ଶୋଭାଯାତ୍ରାରେ ସଂଖ୍ୟାଧିକ ଜନସମାଗମକୁ ଦେଖି ସହରରେ ୩୦ ପ୍ଲାଟୁନ୍ ପୁଲିସ୍ ବାହିନୀ ମୁତୟନ ହୋଇଥିବା ଜିଲ୍ଲାପାଳ **ରଘୁରାମ ଆର.ଆୟର** କହିଛନ୍ତି।

**- V/O –**

## ଲକ୍ଷ୍ମୀପୂଜା

ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜାର ଆସନ୍ତାକାଲି ଭସାଣ ଉତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷ ସହରର ୪୧ଟି ପୂଜାମଣ୍ଡପରେ ମା' ଲକ୍ଷ୍ମୀ ପୂଜା ପାଉଛନ୍ତି। ରଙ୍ଗୀନ ଆଲୋକ, ତ୍ଵରଣର ଆକର୍ଷଣ ଓ ପୌରାଣିକ ବିଷୟବସ୍ତୁକୁ ନେଇ ପେଣ୍ଡାଲଗୁଡ଼ିକ ନିର୍ମାଣ କରାଯାଇଛି। ଲକ୍ଷ୍ମୀବଜାର, କାଞ୍ଚନବଜାର, ଗଣେଶବଜାରଠାରେ ମା'ଙ୍କ ସୁନା ଓ ଚାନ୍ଦି ମେଢ଼ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହେଉଛି। ପୌରପାଳିକା ତରଫରୁ ବରିଷ୍ଠ ନାଗରିକଙ୍କ ପାଇଁ ବ୍ୟାଟେରୀଚାଳିତ ଅଟୋ ବ୍ୟବସ୍ଥା କରାଯାଇଛି। ପୁଲିସ୍ ପକ୍ଷରୁ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ କଡା ବନ୍ଦୋବସ୍ତ ଗ୍ରହଣ କରାଯାଇଛି।

## ପୋଷଣ ମାସ

**ସମ୍ବଲପୁର** ଜିଲ୍ଲା ସମାଜମଙ୍ଗଳ ବିଭାଗ ପକ୍ଷରୁ ତପସ୍ୱିନୀ ପ୍ରେକ୍ଷାଳୟ ପରିସରରେ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ପୋଷଣ ଅଭିଯାନକୁ ସଫଳ କରିବାରେ ସମସ୍ତଙ୍କର ଭୂମିକା ରହିଛି ବୋଲି ମତ ରଖିଥିଲେ।

**ମାଲକାନଗିରି** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପୋଷଣ ମାସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଯୋଗଦେଇ ଜିଲ୍ଲାରେ ଯେପରି କୌଣସି ମା କିମ୍ବା ଶିଶୁ କୁପୋଷଣର ଶିକାର ନ ହୁଅନ୍ତି, ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି ।

**ଗଞ୍ଜାମ** ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜଉଗଡ଼ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ସମ୍ପର୍କିତ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି ଯୋଗଦେଇ ପୋଷଣ ମାସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ।

**ଖୋର୍ଦ୍ଧା** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପୋଷଣମାସ ପାଳିତ ହୋଇଯାଇଛି ।

# ପାଣିପାଗ

ରାଜ୍ୟରୁ ଆସନ୍ତା ୨ରୁ ୩ ଦିନ ମଧ୍ୟରେ ମୌସୁମୀ ବାୟୁ ସମ୍ପୂର୍ଣ୍ଣଭାବେ ପ୍ରତ୍ୟାବର୍ତ୍ତନ କରିବା ପାଇଁ ପାଗ ଅନୁକୂଳ ରହିଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଅପରପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ଗଞ୍ଜାମ ଓ ଗଜପତି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।